# ମାସିକ ଶୈକ୍ଷିକ କ୍ୟାଲେଣ୍ଡର (ଜୁଲାଇ )

| ବିକାଶର ଦିଗ | | ଶିଶୁ ବାଟିକା | ପ୍ରଥମ | ଦ୍ୱିତୀୟ | ତୃତୀୟ |
|---|---|---|---|---|---|
| ଭାଷା / ଭାଷାଗତ ବିକାଶ | ଶିକ୍ଷଣ ଫଳାଫଳ | ପରିଚିତ ଗୀତ / କବିତା (୪-୮ ଧାଡ଼ି ବିଶିଷ୍ଟ) ଧ୍ୟାନର ସହିତ ଶୁଣିବେ ଓ ତା' ଉପରେ ବାର୍ତ୍ତାଳାପ କରିବ<br>କବିତା /ଗୀତ (୪-୫ ଧାଡ଼ି ବିଶିଷ୍ଟ) ଗାଇବେ / ଆବୃତ୍ତି କରିବ ।<br>ପାଖ ପରିବେଶର ଧ୍ୱନିକୁ ଚିହ୍ନି କହୁଛି । (ଯେପରି - ପଶୁପକ୍ଷୀଙ୍କ ରାବ, ଯାନବାହାନ ଇତ୍ୟାଦିର ଧ୍ୱନି)<br>ଚିତ୍ର କରିବ ଓ ରଙ୍ଗ ଦେବ । | ଶୁଣିଥିବା କଥାକୁ ନିଜ ଭାଷାରେ କହିବ , ପ୍ରଶ୍ନ ପଚାରିବ , ନିଜ ଭାବନାକୁ ବ୍ୟକ୍ତ କରିବ ।<br>କବିତା ଓ ଗୀତଗୁଡିକୁ ଆବୃତ୍ତି କରିବ ।<br>ଚିତ୍ରରେ ଥିବା ବସ୍ତୁକୁ ଚିହ୍ନି କହୁଛି ।<br>ପାଖ ପରିବେଶର ଧ୍ୱନିକୁ ଚିହ୍ନି କହୁଛି । (ଯେପରି - ପଶୁପକ୍ଷୀଙ୍କ ରାବ, ଯାନବାହାନ ଇତ୍ୟାଦିର ଧ୍ୱନି)<br>ବିନ୍ଦୁ ଯୋଡୁଛି ଓ ଚିତ୍ରରେ ରଙ୍ଗଦେଉଛି (ପ୍ରାକ ଲିଖନ) | କବିତାଟିକୁ ଭାବଭଙ୍ଗୀ ସହ ନିଜେ ଆବୃତ୍ତି କରିବ ।<br>ଚିତ୍ରରେ ଥିବା ବସ୍ତୁ ଓ ଘଟଣା ଆଧାରରେ ଅତି କମ୍ ରେ ୨-୩ ଟି ବାକ୍ୟ କହିବ ।<br>ପ୍ରସଙ୍ଗ ସମ୍ବନ୍ଧୀୟ ଅନୁଭୂତିକୁ ଅତି କମ୍ ରେ ୨-୩ ଟି ବାକ୍ୟରେ କହିବ।<br>ଗପ ଓ କବିତା ସମ୍ପର୍କିତ ଅତି କମ୍ ରେ ୨ ଟି ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନର ଉତ୍ତର ଦେବ ।<br>ଗପ ଓ କବିତାର ସାରାଂଶ କହିବ ଓ ପ୍ରଶ୍ନ ପଚାରିବ ।<br>୨-୪ ଅକ୍ଷର ବିଶିଷ୍ଟ ସରଳ ଶବ୍ଦ ପଢ଼ିବ ଓ ଲେଖିବ ।<br>୨୦-୨୫ ଶବ୍ଦ ବିଶିଷ୍ଟ ପାଠକୁ ପଢ଼ି ବୁଝିବ ଓ ଅତି କମ୍ ରେ ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନର ଉତ୍ତର ଦେବ ।<br>ଶୁଣିକରି ଏବଂ ଚିତ୍ର / ପାଠକୁ ଆଧାର କରି ଗୋଟିଏ ସରଳ ବାକ୍ୟ ଲେଖିବ ।<br>ଙ୍କ, ଙ୍ଖ, ଙ୍ଗ, ଲ ଫଳା, ଳ ଫଳା, ୱ ଫଳା, ୟ ଫଳା, ରେଫ, ଣ୍ଡ, ଣ୍ଢ, ଞ୍ଚ, ନ୍ତ, ନ୍ଥ, ଚିହ୍ନିବ, ପଢ଼ିବ ଓ ଲେଖିବ । | କବିତାଟିକୁ ଭାବଭଙ୍ଗୀ ସହ ନିଜେ ଆବୃତ୍ତି କରିବ ।<br>ଗପ ଓ କବିତା ସମ୍ପର୍କିତ ନିର୍ଦ୍ଦିଷ୍ଟ ଓ ମୁକ୍ତ ଉତ୍ତରମୂଳକ ପ୍ରଶ୍ନର ଉତ୍ତର ଦେବ ।<br>ପ୍ରସଙ୍ଗ ସମ୍ବନ୍ଧୀୟ ଅନୁଭୂତିକୁ ଅତି କମ୍ ରେ ୨-୩ ଟି ବାକ୍ୟରେ ମାନକ ଭଷାରେ କହିବ ।<br>ଚିତ୍ରରେ ଥିବା ବସ୍ତୁ ଓ ଘଟଣା ଆଧାରରେ ଅତି କମ୍ ରେ ୨-୩ ଟି ବାକ୍ୟରେ କ୍ରମରେ କହିବ ।<br>ଗପ ଓ କବିତାର ସାରାଂଶ ମାନକ ଭାଷାରେ କହିବ ଓ ପ୍ରଶ୍ନ ପଚାରିବ ।<br>ଗପ ଓ କବିତାରେ ଆସୁଥିବା ଶବ୍ଦର ପଦ୍ୟ ଓ ଗଦ୍ୟ ରୂପ ଓ ପ୍ରତିଶବ୍ଦ କହିବ ।<br>୨-୫ ଅକ୍ଷର ବିଶିଷ୍ଟ ଶବ୍ଦ ପଢ଼ିବ ଓ ଲେଖିବ । ଶୁଣିକରି ବା ଅନୁଭୂତି / ଚିତ୍ର / ପାଠ ବିଷୟରେ ୧-୨ ଟି ବାକ୍ୟ ଲେଖିବ ।<br>୩୦-୪୦ ଶବ୍ଦ ବିଶିଷ୍ଟ ପାଠକୁ ପଢ଼ି ବୁଝିବ ଓ ଅତି କମ୍ ରେ ଗୋଟିଏ ନିର୍ଦ୍ଦିଷ୍ଟ ଉତ୍ତରମୂଳକ ଓ ମୁକ୍ତଉତ୍ତରମୂଳକ ପ୍ରଶ୍ନର ଉତ୍ତର ଦେବ । ପ୍ରତି ମିନିଟ୍ ରେ ୩୦-୩୫ ଶବ୍ଦ ବିଶିଷ୍ଟ ପାଠ ପଢ଼ିବ । |
| | ଶିକ୍ଷଣ କାର୍ଯ୍ୟ | * କବିତା ଆବୃତ୍ତି<br>*ଗଳ୍ପ କଥନ ଓ ଆଲୋଚନା<br>* ଅନୁଭୂତି ଓ ଚିତ୍ର ଆଧାରିତ ଆଲୋଚନା<br>* ଧ୍ୱନି ସଚେତନତା ସମ୍ବନ୍ଧୀୟ ମୌଖିକ ଖେଳ | *ପ୍ରାକ ଲିଖନ (ଚିତ୍ର ଓ ରଙ୍ଗ ଦେବା ସମ୍ବନ୍ଧୀୟ କାର୍ଯ୍ୟ) (ବି. ଦ୍ର. - ଶିକ୍ଷଣ କାର୍ଯ୍ୟ ବିଷୟରେ ଅଧିକ ଜାଣିବା ପାଇଁ ଶିଶୁବାଟିକା ଶିକ୍ଷକ ସହାୟକପୁସ୍ତିକା ଦେଖନ୍ତୁ) | * କାର୍ଯ୍ୟପୁସ୍ତିକାରୁ ପଠନ ଓ ଲିଖନ କାର୍ଯ୍ୟ<br>* ଆଦର୍ଶ ପଠନ, ସହଭାଗୀ ପଠନ, ମାର୍ଗଦର୍ଶୀ ପଠନ ଓ ସ୍ୱାଧୀନ ପଠନ<br>* ଚିତ୍ର ଆଧାରିତ ଆଲୋଚନା | |
| | ଶିକ୍ଷଣ ସାମଗ୍ରୀ | କାର୍ଯ୍ୟପୁସ୍ତିକା: କାର୍ଯ୍ୟ ୩ | କାର୍ଯ୍ୟଫର୍ଦ୍ଦ ୧, ୨, ୪, ୫, ୯, ୧୪ | ପାଠ ୧ ରୁ ୧୨ | ପାଠ ୧ ରୁ ୧୨ |
| ଗଣିତ / ବୌଦ୍ଧିକ ବିକାଶ | ଶିକ୍ଷଣ ଫଳାଫଳ | ସଂଖ୍ୟା ସୂଚକକୁ କ୍ରମରେ କହିବ ,ଗୀତ ମାଧ୍ୟମରେ ୨୦ ପର୍ଯ୍ୟନ୍ତ ଗାଇବ , ୧୦ ପର୍ଯ୍ୟନ୍ତ ବସ୍ତୁ ସଂଖ୍ୟା ନେଇ ଏକ ଏକ ମେଳକ କରିବ ।<br>ଭାରତୀୟ ସଂଖ୍ୟା ପଦ୍ଧତି ରେ ୯ ପର୍ଯ୍ୟନ୍ତ ସଂଖ୍ୟା ଚିହ୍ନିବ।<br>ବସ୍ତୁ ଗୁଡିକ ଯେକୌଣସି କ୍ରମରେ ଗଣିଲେ ସମାନ ପରିମାଣର ବସ୍ତୁ ରହିବ ।<br>ବସ୍ତୁ ଗୁଡିକ ଠିକ ଭାବରେ ଯେକୌଣସି କ୍ରମରେ ଗଣିବ , (ବାମରୁ ଡାହାଣ ବା ଡାହାଣ ରୁ ବାମ )<br>୫ ଟି ବସ୍ତୁକୁ ନେଇ ଆକାର ,ଲମ୍ବ ଓ ଓଜନ ଅନୁସାରେ ଛୋଟରୁ ବଡ ଓ ବଡରୁ ଛୋଟ ରେ ସଜାଇପାରୁଛି<br>୬ଟିବସ୍ତୁର ସମୂହକୁ ସଙ୍ଗେ ସଙ୍ଗେ ଚିହ୍ନଟ କରିବା ,(ବିସ୍କୁଟ, ଚକୋଲେଟ, ବ୍ଲକ , ନ ଗଣିକି )<br>୯ ମଧ୍ୟରେ କୌଣସି ଦୁଇଟି ସଂଖ୍ୟାକୁ ତୁଳନା କରିବେ ଓ "ଏଥିରୁ ବେଶୀ ", "ଏଥିରୁ କମ" ଭଳି ଶବ୍ଦକୁ ବ୍ୟବହାର କରିବ ମଧ୍ୟରେ ସଂଖ୍ୟା ସାନ - ବଡ ତୁଳନା କରିବ | ବାସ୍ତବବସ୍ତୁ ବ୍ୟବହାର କରି ୧ ରୁ ୯ ପର୍ଯ୍ୟନ୍ତ ସଂଖ୍ୟା ଗଣିପାରୁଛି ।<br>ଚିତ୍ରକୁ ଗଣି କ୍ରମାନ୍ୱୟରେ ସଜେଇପାରୁଛି ।<br>ଏକରେ ଏକ ମିଶାଇ ୯ ପର୍ଯ୍ୟନ୍ତ ଗଣି କହି ପାରୁଛି ।<br>ଚିତ୍ର ଗଣି ସଂଖ୍ୟା କହିପାରୁଛି ।<br>୧ ରୁ ୯ ପର୍ଯ୍ୟନ୍ତ ସଂଖ୍ୟା ଗଣିପାରୁଛି , ସଂଖ୍ୟାସୂଚକ ଚିହ୍ନିପାରୁଛି, ଲେଖିପାରୁଛି ଓ ତୁଳନା କରିପାରୁଛି । | ଯୋଡା ,ପୁଞ୍ଜା , ଦଶ ଦଶ କରି ଗଣି ପାରୁଛି ।<br>ଦୁଇଅଙ୍କ ବିଶିଷ୍ଟ ୯୯ ପର୍ଯ୍ୟନ୍ତ ସଂଖ୍ୟା ମଧ୍ୟରେ ସ୍ଥାନୀୟମାନର ବ୍ୟବହାର କରି ସଂଖ୍ୟା ଗଢିପାରୁଛି ,ଲେଖିପାରୁଛି ଓ ତୁଳନା କରିପାରୁଛି ।<br>ଅଙ୍କମାନଙ୍କୁ ବ୍ୟବହାର କରି ( ଥରେ ବା ଏକାଧିକ ଥର ) ଦୁଇଅଙ୍କ ବିଶିଷ୍ଟ ବଡ ଓ ସାନ ସଂଖ୍ୟା ତିଆରି କରିପାରୁଛି । | ତିନିଅଙ୍କ ବିଶିଷ୍ଟ ସଂଖ୍ୟା ଚିହ୍ନି ପାରୁଛି , ସଂଖ୍ୟା ଓ ସଂଖ୍ୟା ସୂଚକ କହିପାରୁଛି ଓ ଲେଖିପାରୁଛି ।<br>ତିନି ଅଙ୍କ ବିଶିଷ୍ଟ ସଂଖ୍ୟାଗୁଡିକୁ ନେଇ ପୂର୍ବବର୍ତ୍ତୀ , ପରବର୍ତ୍ତୀ ,ମଧ୍ୟବର୍ତ୍ତୀ, ଉର୍ଦ୍ଧ କ୍ରମ ଓ ଅଧଃ କ୍ରମରେ ସଜାଇପାରୁଛି ।<br>ବାସ୍ତବବସ୍ତୁ ବ୍ୟବହାର କରି ସ୍ଥାନୀୟମାନ ଅନୁସାରେ ତିନିଅଙ୍କ ବିଶିଷ୍ଟ ସଂଖ୍ୟାମାନଙ୍କ ମଧ୍ୟରେ ସାନ ଓ ବଡ ସଂଖ୍ୟା ଚିହ୍ନିପାରୁଛି ।<br>ତିନିଅଙ୍କ ବିଶିଷ୍ଟ ସଂଖ୍ୟାମାନଙ୍କ ମଧ୍ୟରେ ତୁଳନା କରିପାରୁଛି । (=,<,>)ଚିହ୍ନର ବ୍ୟବହାର କରି ସମସ୍ୟାର ସମାଧାନ କରିପାରୁଛି । |
| | ଶିକ୍ଷଣ କାର୍ଯ୍ୟ | ବାସ୍ତବ ବସ୍ତୁ ବ୍ୟବହାର<br>ଚିତ୍ରିତ ଉପସ୍ଥାପନ | | ଅଭ୍ୟାସ କାର୍ଯ୍ୟ ( ପଠ୍ୟପୁସ୍ତକ, କାର୍ଯ୍ୟପୁସ୍ତିକା )<br>କାର୍ଯ୍ୟପୁସ୍ତିକା | |
| | ଶିକ୍ଷଣ ସାମଗ୍ରୀ | କାର୍ଯ୍ୟପୁସ୍ତିକା: ଶିଶୁ ବାଟିକା, ପ୍ରଥମ, ଦ୍ୱିତୀୟ, ତୃତୀୟ ଶ୍ରେଣୀ ର କାର୍ଯ୍ୟପୁସ୍ତିକା | | | |
| ସାମାଜିକ-ଆବେଗିକ ଓ ନୈତିକ ବିକାଶ | ଶିକ୍ଷଣ ଫଳାଫଳ | ପରିବାର, ପଡ଼ୋଶୀ, ବିଦ୍ୟାଳୟ, ସହରରେ ଯେପରି ଲୋକ ଭିନ୍ନ-ଭିନ୍ନ ଭୂମିକା ନିର୍ବାହ କରନ୍ତି, ସେହିପରି ଏକ ସଦସ୍ୟ ଭାବେ ନିଜର ପରିଚୟ ଦେବେ<br>ବ୍ୟକ୍ତିଗତ ପରିଚୟ ସୂଚନା ଯେପରିକି ବାସସ୍ଥାନର ଠିକଣା, ପରିବାର ସଦସ୍ୟମାନଙ୍କର ବିବରଣୀ ଓ ବିଦ୍ୟାଳୟ ଇତ୍ୟାଦି ବିଷୟରେ ତଥ୍ୟ ପ୍ରଦାନ କରିଥାଏ | LO-4.2.1 ସେମାନଙ୍କର ଆବେଗଗୁଡିକୁ ଏବଂ ସେଗୁଡ଼ିକର କାରଣକୁ ବର୍ଣ୍ଣନା କରନ୍ତି (ଯେପରିକି, "ସେ ରାଗୀ ହୋଇଯାଇଛି କାରଣ ତାର ସାଙ୍ଗ ବ୍ଲକ ଟାଓର ଭାଙ୍ଗିଦେଇଛି)। ସେମାନଙ୍କର ଆବେଗ/ଅନୁଭୂତିକୁ ସାଙ୍ଗସାଥି ଓ ପରିଚିତ ବୟସ୍କଙ୍କ ସହିତ ଆଦାନ ପ୍ରଦାନ କରିଥାଏ \|<br>LO-4.2.2 ଯେତେବେଳେ ସେମାନେ ବିରକ୍ତ/ରାଗୀ ଯାଇଥାନ୍ତି, ସେମାନେ ଶାନ୍ତ ହେବାକୁ ନିଜକୁ ସହାୟତା କରିବା ପାଇଁ କାର୍ଯ୍ୟ ପରିବର୍ତ୍ତନ ନିମନ୍ତେ ରାଜିହୋଇଥାନ୍ତି । | | |
| | ଶିକ୍ଷଣ କାର୍ଯ୍ୟ | ମୋ ପରିବାର ଓ ମୁଁ- ଏକ କାଗଜ ଉପରେ ମୋ ପରିବାରର ଚିତ୍ର ଅଙ୍କନ କରିବେ – ମା', ବାପା, ଭଉଣୀ, ଘର, ଦୋକାନ , ବନ୍ଧୁ ଇତ୍ୟାଦି। ତାପରେ କହିବେ<br>"ମୋ ନାମ ________ ଓ ମୁଁ _________ ଗାଁରେ ରହୁଛି "। | ଛୋଟ କାହାଣୀ (ମୋହନ) ପଢ଼ାଯିବ ଯେଉଁଥିରେ ଚରିତ୍ର ରାଗୀ/ଦୁଃଖୀ ହେଉଛି।<br>ଅନ୍ତର୍ଗତ ଉପଲବ୍ଧି: କାହିଁକି ଆଉ କଣ ଅନୁଭୂତି ହେଉଛି।<br>ଆବେଗ ଶବ୍ଦ ତାଲିକା ତିଆରି (ଯେପରିକି: ଖୁସି, ଦୁଃଖ, ଭୟ, ରାଗ)। | | |
| | ଶିକ୍ଷଣ ସାମଗ୍ରୀ | କାର୍ଯ୍ୟପୁସ୍ତିକା: ଶିଶୁବାଟିକା କାର୍ଯ୍ୟ ପୁସ୍ତିକା - | | | |

## ଶିଶୁ ବାଟିକା

### ଶାରୀରିକ ବିକାଶ

**ଶିକ୍ଷଣ ଫଳାଫଳ**

ସ୍ୱାଧୀନ ଭାବରେ ବିଭିନ୍ନ ପ୍ରକାର ଖାଦ୍ୟ ଖାଆନ୍ତି
ଭଲ - ଖରାପ ଖାଦ୍ୟ
କେତେକ ଉତ୍ତମ ପୃଷ୍ଟିକର ଖାଦ୍ୟର ଗୁଣାବଳୀ କହେ | ଯଥା- ଅଣ୍ଡା,ଡାଲି,କ୍ଷୀର,ଶାଗ
ସୂକ୍ଷ୍ମ ମାଂସପେଶୀର ବିକାଶ

**ଶିକ୍ଷଣ କାର୍ଯ୍ୟ**

- ପିଲାମାନଙ୍କୁ ଏକ ଗୋଲାକାରରେ ଆରାମରେ ବସାଇ ଦିଅନ୍ତୁ।
- ସେମାନଙ୍କୁ ମଜାଦାର ଆଙ୍ଗୁଠି ଏବଂ ହାତ ଗତିବିଧିର ଏକ କ୍ରମ ମାଧ୍ୟମରେ ନେତୃତ୍ୱ ଦିଅନ୍ତୁ, ଯେପରିକି:
:: ମୁଠା ଖୋଲନ୍ତୁ ଏବଂ ବନ୍ଦ କରନ୍ତୁ (ଫୁଲ ଫୁଟାଇବା ପରି)
:: ପ୍ରତ୍ୟେକ ଆଙ୍ଗୁଠିକୁ ଗୋଟିଏ ପରେ ଗୋଟିଏ ହଲାନ୍ତୁ (କୀଟ ନାଚୁଥିବା ପରି!)
:: ଆଙ୍ଗୁଠି ବଜା: ପ୍ରତ୍ୟେକ ଆଙ୍ଗୁଠି ର ଉପର ଭାଗକୁ ବୁଢ଼ା ଆଙ୍ଗୁଠି ପର୍ଯ୍ୟନ୍ତ ଗୋଟିଏ ପରେ ଗୋଟିଏ ବଜାନ୍ତୁ - ଧୀରେ ଧୀରେ ଏବଂ ତା'ପରେ ଶୀଘ୍ର

**ଶିକ୍ଷଣ ସାମଗ୍ରୀ**

କାର୍ଯ୍ୟପୁସ୍ତିକା: ଶିସୁବାଟିକା କାର୍ଯ୍ୟ ପୁସ୍ତିକା

### କଳା, ସୌନ୍ଦର୍ଯ୍ୟ ଓ ସୃଜନାତ୍ମକ ବିକାଶ

**ଶିକ୍ଷଣ ଫଳାଫଳ**

ବିଭିନ୍ନ ପ୍ରକାର କଳା ସାମଗ୍ରୀ, ଉପକରଣ ବ୍ୟବହାର ସମୟରେ ଭିନ୍ନଭିନ୍ନ କଳାକୌଶଳର ଅନ୍ୱେଷଣ କରିବ
ଯେପରି – ବାଡି , ମଞ୍ଜି , ଗୋଡି , ପଥର , ସୂତା , ପେନ୍ସିଲ , ବ୍ରଶ , କ୍ରେୟନ , ପାଉଡ଼ର ,ମାଟି , ଓ କଇଁଚି ଇତ୍ୟାଦି )

**ଶିକ୍ଷଣ କାର୍ଯ୍ୟ**

- ପିଲାମାନଙ୍କୁ ଶ୍ରେଣୀଗୃହ ବାହାରେ କିମ୍ବା ଖୋଲା ସ୍ଥାନରେ ଏକ ଗୋଲରେ ଏକାଠି କରନ୍ତୁ।
- ପିଲାମାନଙ୍କୁ ଛୋଟ ପଥରଗୁଡ଼ିକୁ ମୁକ୍ତ ଭାବରେ ଅନୁସନ୍ଧାନ କରିବାକୁ ଦିଅନ୍ତୁ। ସେମାନଙ୍କୁ ଆକୃତି, ଆକାର ଅନୁସାରେ ସଜାଡ଼ିବାକୁ ଉତ୍ସାହିତ କରନ୍ତୁ
-କୁହନ୍ତୁ: "ଏବେ ଆସ ଏହି ପଥରଗୁଡ଼ିକୁ ବ୍ୟବହାର କରି ଭୂଇଁରେ ଏକ ଚିତ୍ର ତିଆରି କରିବା।"
:: ଗୋଲ ପଥର ବ୍ୟବହାର କରି ଏକ ଫୁଲ ଆକୃତି, ଏକ ସରଳ ଘର କିମ୍ବା କୁଟୀର ରୂପରେଖା, ଏକ ହସୁଥିବା ମୁହଁ, ଇତ୍ୟାଦି ।

**ଶିକ୍ଷଣ ସାମଗ୍ରୀ**

କାର୍ଯ୍ୟପୁସ୍ତିକା: ଶିସୁବାଟିକା କାର୍ଯ୍ୟ ପୁସ୍ତିକା